## ଚୋରିବେଳେ ଚଢ଼ାଉ, ୩ ଗିରଫ

କଣିହାଁ, (ଡି.ଏନ.ଏ)- କଣିହାଁ ଥାନା ପୋଲିସ ଚୋରି ଅଭିଯୋଗରେ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ତେଲିସିଂହା ଗ୍ରାମର ଜ୍ଞାନୀ ସାହୁ, ଝରାବେରଣୀ ଗ୍ରାମର ପ୍ରଦୀପ ସାହୁ, ଜରଡା ଗ୍ରାମର କାଳିଆ ଗୋଚ୍ଛାୟତ। ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଓ ତଦନ୍ତ ଅଧିକାରୀ ତ୍ରିଲୋଚନ ଖଟୁଆ କହିଛନ୍ତି, କଣିହାଁ କୋଇଲା ଖଣିର ତେଲିସିଂହା ପ୍ରୋଜେକ୍ଟ ଅଫିସ ନିକଟରେ ଦୀର୍ଘଦିନରୁ ଏକ ଟ୍ରକ ପଡିରହିଥିଲା। ସୋମବାର ଟ୍ରକ ଚେଚିସ୍‌କୁ ଅଭିଯୁକ୍ତମାନେ ଗ୍ୟାସ୍ କଟରରେ କାଟୁଥିବାବେଳେ ପୋଲିସ ଚଢ଼ାଉ କରିଥିଲା।

## ସଂକ୍ଷେପରେ

### ଭୁଶୁଡ଼ିଲା ଗାର୍ଡ ୱାଲ



କଣିହାଁ, ୧୪ା୯ (ଡି.ଏନ.ଏ.): କଣିହାଁ ବ୍ଲକ ଗୋଡିବନ୍ଧ-କଲଣ୍ଡା ରାସ୍ତାର ବାରୁଆଁ ଠାରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଗାର୍ଡ ୱାଲ ମଙ୍ଗଳବାର ସକାଳେ ଭୁଶୁଡି ପଡିଛି। ଏକ ଠିକା ସଂସ୍ଥା ଗୋଡିବନ୍ଧ ଠାରୁ କଲଣ୍ଡା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରୁଥିବା ବେଳେ ପୂର୍ତ୍ତ ବିଭାଗ ଠିକ୍ ଭାବେ ତଦାରଖ କରୁ ନ ଥିବାରୁ ୱାଲ୍ ଭୁଶୁଡ଼ିଥିବା ଚର୍ଚ୍ଚା ହେଉଛି। ଏ ନେଇ ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ କହିଛନ୍ତି, ତାଙ୍କ ନିକଟରେ ଖବର ନାହିଁ। ତହସିଲଦାରଙ୍କୁ ଘଟଣାସ୍ଥଳକୁ ଅନୁଧ୍ୟାନ କରିବାକୁ ପଠାଯିବ। ପାଲଲହଡା ବିଧାୟକ ମୁକେଶ ପାଳ କହିଛନ୍ତି, ଘଟଣାର ତଦନ୍ତ କରାଯିବ।

### ଅନୁଗୋଳରୁ ୫ ପଜିଟିଭ୍

ଅନୁଗୋଳ ଅଫିସ, ୧୪ା୯: ଅନୁଗୋଳ ଜିଲାରୁ ସୋମବାର ୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୪ ହଜାର ୨୩୦ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବଣଁରପାଳ ବ୍ଲକରୁ ୨ ଜଣ, ଅନୁଗୋଳ ପୌରାଞ୍ଚଳରୁ ଜଣେ, ତାଳଚେର ବ୍ଲକରୁ ଜଣେ ଓ କଣିହାଁ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

### ବ୍ୟବସାୟୀ ସଂଘ ସଭାପତିଙ୍କ ପରଲୋକ

ବଇଣ୍ଡା,୧୪ା୯(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘ ସଭାପତି ଅଜୟ କୁମାର ଦେହୁରୀଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଠାକୁରଗଡ ବଜାର ବନ୍ଦ କରାଯିବା ସହ ବ୍ୟବସାୟୀ ସଂଘ ପକ୍ଷରୁ ଶୋକ ସଭା ଅନୁଷ୍ଠିତ ହୋଇଛି। ତାଙ୍କ ପରଲୋକରେ ଠାକୁରଗଡ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅଟୋ ଧକ୍କାରେ ୭ ଗୁରୁତର

ବଇଣ୍ଡା,୧୪ା୯(ଡି.ଏନ.ଏ.): ଠାକୁରଗଡ ଥାନା ଗୁଣ୍ଡୁରୀଖଳି ନିକଟରେ ମଙ୍ଗଳବାର ଏକ ବାଇକକୁ ଅଟୋ ଧକ୍କା ଦେଇଛି। ଫଳରେ ଅଟୋରେ ବସିଥିବା ୭ ଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ଗୁଣ୍ଡୁରୀଖଳିଠାରେ ଏକ ବାଇକ ଛିଡା ହୋଇଥିଲା। ସେହି ସମୟରେ ସାନହୁଲାରୁ ଠାକୁରଗଡ ଅଭିମୁଖେ ଯାଉଥିବା ଏକ ଅଟୋ ବାଇକକୁ ଧକ୍କା ଦେଇଥିଲା। ଗୁରୁତରଙ୍କୁ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ସାରା ରାତି ଡାକ୍ତରଖାନା ଅନ୍ଧକାର

ପାଲଲହଡ଼ା,୧୪ା୯(ଡି.ଏନ.ଏ.): ଲଗାଣ ବର୍ଷା ଯୋଗୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ଭିତରେ ପାଣି ପଶି ଯାଇଥିଲା। ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିଲା। ରାତିରେ ଡାକ୍ତରଖାନା ଅନ୍ଧକାରରେ ଥିଲା। ଡାକ୍ତରଖାନା ପରିଚାଳକ ସଞ୍ଜୟ ମାଲୁଆ କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଦ୍ୟୁତ୍ ବନ୍ଦ ରହିଥିଲା।

# ୧୨ କିଲୋମିଟର ମରଣଯନ୍ତା



ସିପିପି ବଜାରଠାରେ ଜାତୀୟ ରାଜପଥର ଅବସ୍ଥା।

ବଣଁରପାଳ,୧୪ା୯(ଡି.ଏନ.ଏ.)

- ୫୫ନଂ. ଜାତୀୟ ରାଜପଥ ଅବସ୍ଥା ଖରାପ
- ବଡ଼ ବଡ଼ ଖାଲରେ ଜମି ରହୁଛି ବର୍ଷା ପାଣି
- ମାସକ ମଧ୍ୟରେ ଦୁର୍ଘଟଣାରେ ୨୦ ଜଣ ଆହତ

ପ୍ରତିବର୍ଷ ସୃଷ୍ଟି ହେଉଛି ସମାନ ସମସ୍ୟା। ଜାତୀୟ ରାଜପଥରେ ହେଉଥିବା ବଡ଼ ବଡ଼ ଖାଲ ଅସୁବିଧାରେ ପକାଉଛି ଗାଡ଼ି ଚାଳକଙ୍କୁ। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। କିନ୍ତୁ ଏହାର ସ୍ଥାୟୀ ସମାଧାନ ଦିଗରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କିମ୍ବା ଅନୁଗୋଳ ଜିଲା ପ୍ରଶାସନ ଦୃଢ଼ ପଦକ୍ଷେପ ନେଉନାହିଁ। ଫଳରେ ବଣଁରପାଳଠାରୁ ୧୨ କିଲୋମିଟର ରାସ୍ତା ଏକପ୍ରକାର ମରଣଯନ୍ତାରେ ପରିଣତ ହେଉଛି।

ଅନୁଗୋଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ବଣଁରପାଳ ଠାରୁ ତୁରଙ୍ଗ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇପଡ଼ିଛି। ଅନେକ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ବିଶେଷକରି ବଣଁରପାଳ ଛକ, ସିପିପି ଛକ, କୁଲାଡ଼ ଛକ, ଏଫ୍‌ସିଆଇ ଛକ, ଟାଉନଶିପି, କାଣ୍ଡସର ଓ ତୁରଙ୍ଗ ଛକ ନିକଟରେ ଜାତୀୟ ରାଜପଥର ଅବସ୍ଥା ଦୟନୀୟ ହୋଇପଡିଛି। ସୃଷ୍ଟି ହୋଇଥିବା ଖାଲରେ ପାଣି ଭରି ରହୁଥିବାରୁ ଗାଡ଼ି ଚାଳକମାନେ ତାହା ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଚାରି ଚକିଆଠାରୁ ଆରମ୍ଭ କରି ବସ୍, ଟ୍ରକ୍ ଯାଏ ଏହି ଖାଲରେ ପଡ଼ି ଖରାପ ହେଉଥିବା ବେଳେ ବାଇକ୍ ଚାଳକମାନେ ପଡ଼ି ଯାଇ ଖଣ୍ଡିଆଖାବରା ହେଉଛନ୍ତି। ଦୁର୍ଘଟଣାରେ ନାଲ୍‌କୋର ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବାବେଳେ ମାସକ ମଧ୍ୟରେ ପ୍ରାୟ ୨୦ ଜଣ ଏଠାରେ ପଡ଼ି ଆହତ ହୋଇଥିବା ଅଭିଯୋଗ ହେଉଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଯେଉଁ ମରାମତି କାର୍ଯ୍ୟ କରୁଛନ୍ତି, ତାହା ଅଧିକ ଦିନ ତିଷ୍ଠୁନାହିଁ। ଅତିବେଶିରେ ୧୫ ଦିନ ପରେ ରାସ୍ତାରେ ପୁଣି ଗର୍ତ୍ତ ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏହି ରାସ୍ତା ଦେଇ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନେତାମାନେ ଯାତାୟାତ କରୁଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

#### ଉନ୍ନତି ପ୍ରତି ଦୃଷ୍ଟି ଦିଅନ୍ତୁ



ଅନୁଗୋଳ ଏକ ଶିଳ୍ପ ସମୃଦ୍ଧ ଜିଲା। କେନ୍ଦ୍ର ଓ ରାଜ୍ୟ ସରକାର ଏଠାରୁ ବହୁ ପରିମାଣର ରାଜସ୍ୱ ନେଉଛନ୍ତି। ହେଲେ ଅନୁଗୋଳକୁ ସଂଯୋଗ କରୁଥିବା ୫୫ନଂ. ଜାତୀୟ ରାଜପଥର ଉନ୍ନତି ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

-ବିଭବ ଜେନା, ଶ୍ରମିକ ନେତା

#### ହଇରାଣ ହେଉଛନ୍ତି ଗାଡ଼ି ଚାଳକ



୫୫ନଂ. ଜାତୀୟ ରାଜପଥର ଅବସ୍ଥା ଅତ୍ୟନ୍ତ ଖରାପ ହୋଇପଡ଼ିଛି। ବିଶେଷକରି ଭୂଷଣ ଠାରୁ ତୁରଙ୍ଗ ପର୍ଯ୍ୟନ୍ତ ଅନେକ ସ୍ଥାନରେ ବଡ଼ ବଡ଼ ଖାଲମାନ ସୃଷ୍ଟି ହୋଇଛି। ଏଥିଯୋଗୁ ଗାଡ଼ି ଚାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

-ବନମାଳୀ ସେଠୀ, କାର୍ଯ୍ୟକାରୀ ସଭାପତି, ନାଲ୍‌କୋ ଅଫିସର ଆସୋସିଏଶନ

#### ଦୁର୍ଘଟଣାର କାରଣ ସାଜୁଛି



ପ୍ରତିବର୍ଷ ବର୍ଷା ଦିନେ ଏହି ଜାତୀୟ ରାଜପଥ ଅବସ୍ଥା ଅତି କଦର୍ଯ୍ୟ ହୋଇପଡୁଛି। ସୃଷ୍ଟି ହୋଇଥିବା ଖାଲଖମା ଯୋଗୁ ବହୁ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛି। ମରାମତି କାମ ଠିକ୍ ଭାବେ କରାଯାଉ ନ ଥିବାରୁ ବାରମ୍ବାର ଏପରି ଅବସ୍ଥା ହେଉଛି।

-ଶୁଭ୍ର ରଞ୍ଜନ ଦାସ, ଅନୁଗୋଳ

#### ଶିଳ୍ପ ସଂସ୍ଥା ପଦକ୍ଷେପ ନିଅନ୍ତୁ



୫୫ ନଂ. ଜାତୀୟ ରାଜପଥର ଅବସ୍ଥା ସୁଧାରିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେପରି ଉଦ୍ୟମ କରାଯାଉ ନାହିଁ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ତାଗିଦ କରାଯିବା ଆବଶ୍ୟକ। ଶିଳ୍ପସଂସ୍ଥାଗୁଡ଼କ ମଧ୍ୟ କିଛି ପଦକ୍ଷେପ ନିଅନ୍ତୁ।

-ଅଞ୍ଜଳି ଭୋଇ, ବ୍ଲକ ଅଧ୍ୟକ୍ଷା, ବଣଁରପାଳ

# ନାଳ ମଝିରେ ୩ ଘଣ୍ଟା

### ଉଦ୍ଧାର କଲା ଅଗ୍ନିଶମ ବାହିନୀ

ଅନୁଗୋଳ ଅଫିସ,୧୪ା୯

ଅନୁଗୋଳ ସଦର ହୁଲୁରିସିଂହା ଦେଇ ଯାଇଥିବା ଲିଙ୍ଗରା ନାଳକୁ ମଙ୍ଗଳବାର ଶୌଚ ପାଇଁ ଯାଇଥିବା ଜଣେ ବୃଦ୍ଧା ହଠାତ୍ ପାଣି ଘେରରେ ପଡ଼ିଯାଇଥିଲେ। ପାଣି ମାଡ଼ି ଆସିବାରୁ ଜୀବନ ରକ୍ଷା ପାଇଁ ସେ ଏକ ପଥର ଉପରକୁ ଚଢ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଜଣେ ଯୁବକ ମଧ୍ୟ ସେଠାରେ ରହିଯାଇଥିଲେ। ଖବରପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ୩ ଘଣ୍ଟା ପରେ ବୃଦ୍ଧାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ।

ପ୍ରକାଶ ଯେ, ହୁଲୁରିସିଂହାର ଅଞ୍ଚଳର ବ୍ରାହ୍ମଣୀ ବେହେରା(୬୫) ଶୌଚ କରିବାକୁ ଲିଙ୍ଗରା ନାଳ ମଧ୍ୟକୁ ଯାଇଥିଲେ। ତେବେ ଉପର ମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ଡେରେଜାଙ୍ଗ ଡ୍ୟାମ୍ ଗେଟ୍‌କୁ କର୍ତ୍ତୃପକ୍ଷ ଖୋଲି ଦେଇଥିଲେ। ଫଳରେ ଲିଙ୍ଗରା ନାଳରେ ପାଣିର ପ୍ରଖର ସୁଅ ମାଡ଼ି ଆସିଥିଲା। ଏହା ଦେଖି ବ୍ରାହ୍ମଣୀ ତରବର ହୋଇ ଏକ ବଡ଼ ପଥର ଉପରକୁ ଚଢ଼ି ଯାଇଥିଲେ। ପାଣି ବଢ଼ି ଚାଲିଥିବାରୁ ସେ ଘରକୁ ଫେରିବାକୁ ବ୍ୟାକୁଳ ହେଉଥିବା ବେଳେ ସେହି ଅଞ୍ଚଳର ଯୁବକ ପିଣ୍ଟୁ ପହଁରି ପହଁରି ବୃଦ୍ଧାଙ୍କ ନିକଟକୁ ଯାଇଥିଲେ। ହେଲେ ପାଣି ସ୍ରୋତ ମଧ୍ୟରୁ ଉଦ୍ଧାର କରିବା କଷ୍ଟକର ହେବାରୁ ସେ ବୃଦ୍ଧାଙ୍କୁ ପଥର ଉପରେ ଅଟକାଇ ରଖିଥିଲେ। ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଆଗ୍ନିକ ସୁମନ୍ତ କୁମାର ସାହୁ ନାଳକୁ ପ୍ରବେଶ କରିଥିଲେ ହେଁ ପ୍ରଥମେ ଉଦ୍ଧାର କରିପାରି ନ ଥିଲେ। ଡେରେଜାଙ୍ଗ ଡ୍ୟାମ୍ ଗେଟ ବନ୍ଦ କରାଯିବା ପରେ ପାଣିର ସ୍ରୋତ ହ୍ରାସ ପାଇଥିଲା। ଏହାପରେ ଉଦ୍ଧାରକାରୀ ଟିମ୍ ବୋଟ୍‌ରେ ଯାଇ ବ୍ରାହ୍ମଣୀ ଓ ପିଣ୍ଟୁଙ୍କୁ କୂଳକୁ ଆଣିଥିଲେ। ଏହି ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବିଭାଗର ମୁଖ୍ୟ ପ୍ରଶାନ୍ତ କୁମାର ଧଳ, କର୍ମଚାରୀ ରଶ୍ମି ରଞ୍ଜନ ଲେଙ୍କା, ରବୀନ୍ଦ୍ର ନାୟକ, ସୁଧୀର ବେହେରା, ରଞ୍ଜିତ ରାଉତ, ପ୍ରକାଶ ନାୟକ, ସୁକାନ୍ତ କୁମାର ନାଥ, ପ୍ରକାଶ ନାୟକ, ଆଶୁତୋଷ ମଲ୍ଲିକ, ସୂର୍ଯ୍ୟମଣି ରଣା, ସୁବୋଧ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ। ପିଣ୍ଟୁଙ୍କ ଉଦ୍ୟମକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



ବୃଦ୍ଧା ଜଣଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରି ଆଣୁଛନ୍ତି।

# ଭାସିଗଲେ ମଇଁଷି ଚରାଳି

ବନ୍ତଳା. ୧୪ା୯(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ ବନ୍ତଳା ଅଞ୍ଚଳରେ କ୍ଷୟକ୍ଷତି ଘଟିଛି। ମଧୁପୁର ଗ୍ରାମର ମଇଁଷି ଚରାଳି ନରେଶ ଗୋଛାୟତ (୪୫) ବାଘୁଆ ପାଟରୁ ଫେରୁଥିବା ବେଳେ ସୋମବାର ଅପରାହ୍ନରେ ଭାସିଯାଇ ନିଖୋଜ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ପୋକତୁଙ୍ଗା, ବାରଗୌଣିଆ, ତଲଗଡ଼, ବଡ଼କେରା, ଶାବଳ ଭଙ୍ଗା, ଜାମୁଗାଡ଼ିଆ, ବଡ଼କଣ୍ଟକୁଳ, ଧୋକୁଟା, କହେଁଇ ନଗର, ଇଙ୍କର ବନ୍ଧ ଆଦି ଗ୍ରାମରେ କେତୋଟି କଚ୍ଚା ଘର ଭାଙ୍ଗିଛି। ପମ୍ପାସର ନିକଟ ଭଙ୍ଗା ପୋଲ ଭାସିଯାଇଛି। ଶାବଳଭଙ୍ଗା କରଞ୍ଜ ସାହି ଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସହାରଗୋଡା ଗ୍ରାମ ବିଚ୍ଛିନ୍ନ ରହିଛି।



ପମ୍ପାସର ଗେଟ୍ ନିକଟ ଭଙ୍ଗା ପୋଲ ଭାସିଯାଇଛି।

# ଖୋଲିଲା ସମବାୟ ସମିତି ତାଲା

ଛେଣ୍ଡିପଦା,୧୪ା୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ପାତ୍ରପଡା ସେବା ସମବାୟ ସମିତିରେ ଶସ୍ୟ ବୀମା ଠିକ୍ ଭାବେ କରାଯାଇ ନ ଥିବା ଅଭିଯୋଗ କରି ଚାଷୀମାନେ ଏକ ସପ୍ତାହ ହେଲା ତାଲା ପକାଇ ଦେଇଥିଲେ। ତେବେ ମଙ୍ଗଳବାର ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ତାଲା ଖୋଲାଯାଇଛି। ସୂଚନା ମୁତାବକ, ଛେଣ୍ଡିପଦା ବ୍ଲକରେ ଥିବା ସମବାୟ ସମିତି ଗୁଡିକରେ ଠିକ୍ ଭାବେ ଶସ୍ୟ ବୀମା କରାଯାଇ ନ ଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ପାତ୍ରପଡା ସମବାୟ ସମିତିରୁ ୫୩୬ଜଣ ଚାଷୀ କୃଷି ଋଣ କରିଥିବାବେଳେ ୪୩୫ ଜଣ ଚାଷୀ ନବୀକରଣ କରିଛନ୍ତି। କିନ୍ତୁ ଚାଷୀଙ୍କ ଶସ୍ୟ ବୀମା କରାଯାଇ ନ ଥିଲା। ଏ ନେଇ ସମିତି ସମ୍ପାଦକ ବିଜୟ ସାହୁ କହିଛନ୍ତି, ନିୟମରେ ପରିବର୍ତ୍ତନ ହୋଇଥିବା ବେଳେ ଚାଷୀମାନେ ବୀମା ପ୍ରିମିୟମ ଦାଖଲ କରିନାହାନ୍ତି। ତେଣୁ ସେମାନେ ଶସ୍ୟ ବୀମାରୁ ବଞ୍ଚିତ ରହିଛନ୍ତି। ଅପରପକ୍ଷେ ନୂତନ ନିୟମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୩୦ ତାରିଖରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲାଯାଇଥିଲା।

# 'ଏମ୍‌ସିଏଲ୍ ହେବ ଶ୍ରେଷ୍ଠ ପ୍ରଦର୍ଶନକାରୀ'

ତାଳଚେର,୧୪ା୯(ନି.ପ୍ର.)

ମହାନଦୀ କୋଲ୍ ଫିଲ୍‌ଡସ ଲିମିଟେଡ (ଏମ୍‌ସିଏଲ୍) ଚଳିତ ଆର୍ଥିକବର୍ଷ ଶେଷସୁଦ୍ଧା ଏକ ଶ୍ରେଷ୍ଠ ପ୍ରଦର୍ଶନକାରୀ କମ୍ପାନୀ ରୂପେ ପରିଗଣିତ ହେବ। ତାଳଚେର କୋଲ୍ ଫିଲ୍‌ଡସକୁ ମଙ୍ଗଳବାର ଏକ ଦିନିକିଆ ଗସ୍ତରେ ଆସିଥିବା ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଏମ୍. ନାଗରାଜୁ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ନାଗରାଜୁ କୋଇଲା ଉତ୍ତୋଳନ ଓ ପ୍ରେରଣର ସମୀକ୍ଷା କରିଥିଲେ। ଉତ୍ପାଦନରେ ଅଭିବୃଦ୍ଧି ଓ ଗ୍ରାହକଙ୍କୁ କୋଇଲା ଯୋଗାଣ ନେଇ ସେ ଏମ୍‌ସିଏଲ୍‌କୁ ପ୍ରଶଂସା କରିଥିଲେ। ଏମ୍‌ସିଏଲ୍‌ର ବର୍ତ୍ତମାନର କାର୍ଯ୍ୟଧାରା ଜାରି ରହିଲେ ଚଳିତ ଆର୍ଥିକ ବର୍ଷରେ ଏହି କମ୍ପାନୀ ୧୬୦-୧୬୫ ମିଲିୟନ ଟନ୍ କୋଇଲା ଉତ୍ପାଦନ କରି ଏବ ବଡ ସଫଳତା ହାସଲ କରିପାରିବ ବୋଲି ଅତିରିକ୍ତ ସଚିବ ମତବ୍ୟକ୍ତ କରିଥିଲେ। ନିର୍ଦ୍ଦେଶକ ବୈଷୟିକ ଓ.ପି. ସିଂହ, ନିର୍ଦ୍ଦେଶକ କାର୍ମିକ କେଶବ ରାଓ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନାଗରାଜୁ ଲିଙ୍ଗରାଜ ଖଣିର ସାଇଲୋ ପରିଦର୍ଶନ କରି ସ୍ୱୟଂଚାଳିତ କୋଇଲା ପରିବହନ ଓ ଖଣି କାରବାର ଉପରେ ଲଗାଣ ବର୍ଷାର ପ୍ରଭାବ ସମ୍ପର୍କରେ ଆକଳନ କରିଥିଲେ। ଇବ୍ ଭ୍ୟାଲିର ଜେନେରାଲ ମ୍ୟାନେଜରମାନେ ଭିଡିଓ କନଫରେସିଂ ମାଧ୍ୟମରେ ସମୀକ୍ଷା ବୈଠକରେ ଯୋଡି ହୋଇଥିଲେ। ଗତ ଆର୍ଥିକ ବର୍ଷରେ ୧୪୮ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିଥିବା ଏହି କମ୍ପାନୀ ଚଳିତ ଆର୍ଥିକ ବର୍ଷରେ ୧୬୩ ନିୟୁତ ଟନ୍ ଉତ୍ତୋଳନ ଏବଂ ୧୮୨ ନିୟୁତ ଟନ୍ କୋଇଲା ଗ୍ରାହକମାନଙ୍କୁ ପ୍ରେରଣ ପାଇଁ ଲକ୍ଷ୍ୟ ରଖିଛି ବୋଲି ପ୍ରେସ୍ ଇସ୍ତାହାରରେ କୁହାଯାଇଛି।




ସମୀକ୍ଷା ବୈଠକରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବଙ୍କ ସହ ଅନ୍ୟ ଅଧିକାରୀମାନେ।

# ଧୋଇଗଲା ଗ୍ରାମ୍ୟ ଉନ୍ନୟନ ରାସ୍ତା

ବଇଣ୍ଡା,୧୪ା୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ବାତ୍ରାଖୋଲଠାରୁ ରାମଗଡ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଧୋଇଯାଇଛି। ଫଳରେ ଉକ୍ତ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବାତ୍ରାଖୋଳ, ରାମଗଡ, ଆମ୍ବନାଳୀ, ରାଇନାଳି, ହେମାମୁରା, ସାଲୁଣି, ରୁଡସିଙ୍ଗା ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଗ୍ରାମର କୁଶ ବେହେରା, ଆଲୋକ ରଞ୍ଜନ ସାହୁ, ନବୀନା ସାହୁ, ଲକ୍ଷ୍ମୀଧର ବାରିକ ପ୍ରମୁଖ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବାତ୍ରାଖୋଳ ନିକଟରେ ଏକ ଛୋଟ ପୋଲ ରହିଛି। ପାଣି ନିଷ୍କାସନ ହେବାରେ ବିଳମ୍ବ ହେବାରୁ ପାହାଡରୁ ବହି ଆସୁଥିବା ପାଣିରେ ରାସ୍ତା ଧୋଇ ହୋଇଯାଇଥିଲା।



ବାତ୍ରାଖୋଳଠାରୁ ରାମଗଡ ରାସ୍ତା ଧୋଇଯାଇଛି।

# ଜଳ ନିଷ୍କାସନ କଲେ ଅଗ୍ନିଶମ କର୍ମଚାରୀ

ବଣଁରପାଳ,୧୪ା୯(ଡି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବଣଁରପାଳ ବ୍ଲକ କୁଲାଡ ଗ୍ରାମର ତ୍ରୈଲୋକ୍ୟ ଧୀରଙ୍କ ଘରେ ବର୍ଷା ପାଣି ପଶିଯାଇଛି। ଘରେ ୨ଦିନ ହେବ ଅଣ୍ଟାଏ ଲେଖାଏଁ ପାଣି ପଶିଜମିରହିଥିବାରୁ ପରିବାର ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଖବରପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଜଳ ନିଷ୍କାସନ କରିଥିଲେ। ସେହିପରି ମିଲୁ ଧୀର, ରାଜୀବ ସେଠ ଓ ବିଜୟ କୁମାରଙ୍କ ଘରେ ପାଣି ପଶିଥିବାବେଳେ ରାଜୀବ ଜେନାଙ୍କ ପାଚେରି ଭାଙ୍ଗିଯାଇଛି। ସେଠସାହିରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ଉପୁଡିଯିବାରୁ ସାହିବାସିନ୍ଦା ବିପଦସଙ୍କୁଳ ଅବସ୍ଥାରେ ଅଛନ୍ତି।

# ତାଳଚେର ଅଧିକ ପ୍ରଭାବିତ

ଅନୁଗୋଳ ଅଫିସ, ୧୪ା୯

ଲଘୁଚାପଜନିତ ବର୍ଷାରେ ଅନୁଗୋଳ ଜିଲାର ଅନ୍ୟ ବ୍ଲକ ଅପେକ୍ଷା ତାଳଚେର ଅଧିକ ପ୍ରଭାବିତ ହୋଇଛି। ଜିଲାରେ ପ୍ରାୟ ୮ଶହ ଲୋକ କ୍ଷତିଗ୍ରସ୍ତ ହୋଇଥିବା ଜିଲା ପ୍ରଶାସନ ପ୍ରାଥମିକ ରିପୋର୍ଟ ପ୍ରଦାନ କରିଛି। ସମ୍ପୃକ୍ତ କ୍ଷତିଗ୍ରସ୍ତଙ୍କ ପାଇଁ ରନ୍ଧା ଓ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯାଇଛି।

- ଅନୁଗୋଳ ଜିଲାରେ ୮ ଶହ ଲୋକ କ୍ଷତିଗ୍ରସ୍ତ
- କ୍ଷୟକ୍ଷତି ନେଇ ଅଧିକ ଅନୁଧ୍ୟାନ କରୁଛି ପ୍ରଶାସନ
- ଶୁଖିଲା ସହ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି

୨୫୯ ହେକ୍ଟର ଜମିରେ ହୋଇଥିବା ଚାଷ କାର୍ଯ୍ୟ ବୁଡ଼ି ଯାଇଥିବା ବେଳେ ସମସ୍ତ ବ୍ଲକରୁ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତାଳଚେର ବ୍ଲକ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଦୁଇ ଦିନ ଧରି ହୋଇଥିବା ଲଗାଣ ବର୍ଷା ଯୋଗୁ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବହୁ ରାସ୍ତା ଧୋଇଯାଇଛି। ଅନୁଗୋଳ ସହରର ବଣିଆବାହଳ ଅଞ୍ଚଳରେ ଥିବା ନାଳ ପାଣି ନିଷ୍କାସିତ ହୋଇ ନ ପାରି ଲୋକଙ୍କ ଘରେ ପଶିଛି। ହୁଲୁରିସିଂହା-ଗାନ୍ଧୀମାର୍ଗ ରାସ୍ତାର ଏକ ପାର୍ଶ୍ୱରେ ପାଣି ଜମି ରହିବାରୁ ଜେସିବି ଲଗାଯାଇ ଡିଭାଇଡର ଭଙ୍ଗାଯାଇଛି। ତାଳଚେରରେ ନିର୍ମାଣ ଚାଲିଥିବା ହେଲ୍‌ଥ କରିଡର ପୁରୁଣା କାନ୍ଥ ବର୍ଷାରେ ଭାଙ୍ଗିଯାଇଛି। ଜିଲାରେ ୧୫ଟି କଚ୍ଚା ଘର ଭାଙ୍ଗିଥିବାରୁ ସମ୍ପୃକ୍ତ ପରିବାରକୁ ପଲିଥିନ୍ ଯୋଗାଇ ଦିଆଯାଇଛି। ୧୫ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଜିଲା ଓ ବ୍ଲକ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ଯାଇଛି। ଯେଉଁ ଅଞ୍ଚଳରେ ସମସ୍ୟା ରହିଛି, ତୁରନ୍ତ ସେଠାକୁ ଉଦ୍ଧାରକାରୀ ଟିମ୍ ପଠାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।



ଅନୁଗୋଳ ଗାନ୍ଧୀମାର୍ଗ ରାସ୍ତାରେ ପାଣି ଜମି ରହିଛି।

### ଖୋଲିଲା ଡେରଜାଙ୍ଗ, ମାନଜୋର ଗେଟ୍

ଅନୁଗୋଳ ଅଫିସ/ ଆଠମଲ୍ଲିକ, ୧୪ା୯- ଅନୁଗୋଳ ସ୍ଥିତ ଡେରଜାଙ୍ଗ ଡ୍ୟାମରୁ ମଙ୍ଗଳବାର ପ୍ରଥମ ବନ୍ୟା ଜଳ ନିଷ୍କାସନ ହୋଇଛି। ଡ୍ୟାମ୍‌ର ଗୋଟିଏ ଗେଟ୍ ଦେଇ ମୋଟ ୨୯୯ କ୍ୟୁସେକ୍ ପାଣି ଛଡ଼ାଯାଇଥିବା ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣ ରଥ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଡ୍ୟାମ୍ ଗେଟ୍‌କୁ ଅଧା ଖୋଲା କରାଯାଇଛି। ସେହିପରି ସେହିପରି ଆଠମଲ୍ଲିକ ଉପଖଣ୍ଡ ମାନଜୋର ମଧ୍ୟମ ଜଳସେଚନ ପ୍ରକଳ୍ପରୁ ମଙ୍ଗଳବାର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଛି। ମୋଟ ୮ ଟି ଗେଟରୁ ୩ ଗେଟ ଦେଇ ଅପରାହ୍ନ ୪ଟା ସୁଦ୍ଧା ୮୨୫.୯୯ ଘନଫୁଟ ଜଳ ନିଷ୍କାସନ ହେଉଛି। ଅନୁଗୋଳ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଉପେନ୍ଦ୍ର ସେଠୀ, ମାନଜୋର ଡିଭିଜନ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ନାୟକ ଡ୍ୟାମରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଜେଇ ମୁନିରଞ୍ଜନ କିଷାନ ଉପସ୍ଥିତ ଥିଲେ।

# ୬ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ

ବଣଁରପାଳ,୧୪ା୯(ଡି.ଏନ.ଏ.)

ନାଲ୍‌କୋ କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ଉପହାର ପ୍ରଦାନରେ ପାତରଅନ୍ତର ଅଭିଯୋଗ କରି ସୋମବାର ୬ ଶ୍ରମିକ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଫଳରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ଏନ୍‌ଏସସିୟୁର ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ବିଭବ ଜେନା, ଏନଏନଇୟୁ କାର୍ଯ୍ୟକାରୀ ସଭାପତି ନିର୍ମାଳ ଶତପଥୀ, ଏନ୍‌ଭିଏମଏସ ସଭାପତି ପ୍ରଶନ୍ନ କୁମାର ସାହୁ, ନେପୁ କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ, ନେସ କାର୍ଯ୍ୟକାରୀ ସଭାପତି ମଳୟ ସ୍ୱାଇଁ, ଆଲୁମିନିୟମ ମଜଦୁର ସଂଘ ସଭାପତି ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗଛ ଉପୁଡ଼ିଲା, କଲଭର୍ଟ ଭାଙ୍ଗିଲା

ଛେଣ୍ଡିପଦା,୧୪ା୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। କରା ଗ୍ରାମଠାରୁ ବଡହିଁସର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ବଡ ଗଛ ଭାଙ୍ଗି ପଡିଥିବା ଯୋଗୁ ଏକ କଲଭର୍ଟ ଭାଙ୍ଗି ଯାଇଛି। କୁମୁରସିଂହ ଗୋଚ୍ଛାୟତ ସାହିର ନିର୍ମଳ ଗୋଚ୍ଛାୟତଙ୍କ ୩ ବଖରା, କରା ଗୋଚ୍ଛାୟତ ସାହିର କୃଷ୍ଣଚନ୍ଦ୍ର ମୁଖିଙ୍କ ୨ ବଖରା ନଷ୍ଟ ହୋଇଯାଇଛି। ସାବିତ୍ରୀ ମୁଖିଙ୍କ ୨ବଖରା ଛାତ ଘର ଭାଙ୍ଗିଯାଇଛି। ବାଲିପଙ୍ଗା ପଞ୍ଚାୟତ ନାଉପଦା ଗ୍ରାମର ମାନସ ବାରିକଙ୍କ କାନ୍ଥ ଭାଙ୍ଗି ଯାଇଛି। ପାତ୍ରପଡା ପଞ୍ଚାୟତର ସୁନିଲ ମୁଖିଙ୍କ ଘର ଭାଙ୍ଗି ଯାଇଥିବାବେଳେ ନୂଆଗାଁ ହରିଜନ ସାହିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି।



ବଡହିଁସର ଗ୍ରାମକୁ ସଂଯୋଗ କରୁଥିବା ଏକ ରାସ୍ତାରେ କଲଭର୍ଟ ଭାଙ୍ଗି ଯାଇଛି।

**୩ ସଂକ୍ରମିତ ଚିହ୍ନଟ, ୨୪ ସୁସ୍ଥ**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ମଙ୍ଗଳବାର ୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୨୪ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨ ଏବଂ କଙ୍କଡ଼ାହାଡ଼ ବ୍ଲକର ଜଣେ ରହିଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୮୬ରେ ପହଞ୍ଚିଥିବାବେଳେ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁ ୨୪୨ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ସାର କଳାବଜାର: ତେଜୁଛି ଅସନ୍ତୋଷ

**ଗଁଦିଆ, ୧୪।୯-**ଢେଙ୍କାନାଳ ଜିଲା ଗଁଦିଆ ବ୍ଲକରେ ରାସାୟନିକ ସାର କଳାବଜାର ଚାଷୀଙ୍କୁ ନାକେଦମ କରିଛି। ଖରିଫ୍ ଋତୁ ଆରମ୍ଭରୁ ସ୍ୱଳ୍ପବୃଷ୍ଟିରେ ଚାଷ ପ୍ରଭାବିତ ହୋଇଥିବାବେଳେ ଏବେ ସାର ଅଭାବ ଚିନ୍ତା ବଢ଼ାଇଛି। ସରକାରୀ ଧାର୍ଯ୍ୟମୂଲ୍ୟଠାରୁ ଖୋଲା ବଜାରରେ ଚଢ଼ା ଦରରେ ସାର ବିକ୍ରି ହେଉଛି। ବିକଳ୍ପ ନ ଥିବାରୁ ବାଧ ଚାଷୀମାନେ ଅଧିକ ମୂଲ୍ୟ ଦେଇ ସାର କିଣୁଥିବା ଅଭିଯୋଗ ହେଉଛି। ଗଁଦିଆ ବ୍ଲକରେ ସାର ସୁଷମ ବଣ୍ଟନ ଲାଗି ୧୫ ସେବା ସମବାୟ ସମିତିକୁ ଦାୟିତ୍ୱ ଦିଆଯାଇଛି। ହେଲେ ସରକାରୀସ୍ତରରେ ଆବଶ୍ୟକ ପରିମାଣର ସାର ଯୋଗାଣ ହେଉନାହିଁ। ସରକାରୀସ୍ତରରେ ୟୁରିଆ ବସ୍ତା ୨୬୬ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଖୋଲାବଜାରରେ ୫୦୦ ଟଙ୍କାରେ ବିକ୍ରି ହେଉଛି। ଅସାଧୁ ବ୍ୟବସାୟୀଙ୍କ ଉପରେ ଜିଲା ବଜାର ନିୟନ୍ତ୍ରଣ କମିଟି କିମ୍ବା ଯୋଗାଣ ବିଭାଗ ଅଧିକାରୀଙ୍କ ଲଗାମ ରହୁ ନ ଥିବା ଏଭଳି ସମସ୍ୟା ଉପୁଜିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସାର କଳାବଜାର କରୁଥିବା ବ୍ୟବସାୟୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଚାଷୀଙ୍କ ନ୍ୟାୟ ମିଳିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ସେବା ସମବାୟ ସମିତି ପ୍ରଶାସକ ପ୍ରତାପ ଚନ୍ଦ୍ର ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ମାର୍କଫେଡ୍ ଗୋଦାମରେ ସାର ନ ଥିବା କହିଛନ୍ତି। ସାର ଅଭାବ ପୂରଣ ଲାଗି ପଦକ୍ଷେପ ନିଆଯାଉଥିବା ବ୍ଲକ କୃଷି ଅଧିକାରୀ ରଶ୍ମିତା ବେଉରା କହିଛନ୍ତି।

### ୧୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଢେଙ୍କାନାଳ ଅଫିସ,୧୪।୯:** ଢେଙ୍କାନାଳ ସିଭିଲ କୋର୍ଟ ଏବଂ ଜିଲାର ତାଲୁକସ୍ତରୀୟ ସମସ୍ତ ଅଦାଲତରେ ସେପ୍ଟେମ୍ବର ୧୯ରେ ଚଳିତବର୍ଷର ତୃତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା ଦେୱାନି ଫୌଜଦାରି (ସାଲିସଯୋଗ୍ୟ), ବ୍ୟାଙ୍କ ଋଣ, ମୋଟରଯାନ ଦୁର୍ଘଟଣା, ପାରିବାରିକ ବିବାଦର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରାଯିବ। ଦୀର୍ଘଦିନ ଧରି ଚାଲିଥିବା ମକଦ୍ଦମାର ସହଜ ସମାଧାନ ହୋଇପାରିବ। ଏହାର ସୁଯୋଗ ନେବାକୁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନିବେଦନ କରାଯାଇଛି।

### ମୋଟଙ୍ଗା, କଣ୍ଟାବଣିଆ ଥାନାଧିକାରୀ ବଦଳିଲେ

**ଢେଙ୍କାନାଳ ଅଫିସ, ୧୪।୯:** ଢେଙ୍କାନାଳ ଜିଲା ପୋଲିସ ପ୍ରଶାସନରେ ଛୋଟ ଧରଣର ଅଦଳବଦଳ ହୋଇଛି। କଣ୍ଟାବଣିଆ ଥାନାଧିକାରୀ ଇନ୍ସପେକ୍ଟର ନିରଞ୍ଜନ ସେଠୀଙ୍କୁ ମୋଟଙ୍ଗା ଥାନାଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ମୋଟଙ୍ଗା ଥାନାଧିକାରୀ ସରୋଜିନୀ ସାମ୍ଭଡାଙ୍କୁ ଜିଲା ପୋଲିସ କାର୍ଯ୍ୟାଳୟର ଆଇସିଏଡବ୍ଲ୍ୟୁ ବିଭାଗକୁ ବଦଳି ହୋଇଛି। ସଦର ଥାନାର ଅତିରିକ୍ତ ଇନ୍ସପେକ୍ଟର ସବିତା ପାତ୍ର କଣ୍ଟାବଣିଆ ଥାନାଧିକାରୀ ଭାବେ ବଦଳି ହୋଇଥିବା ଏସ୍‌ପି କେ. ଶିବା ସୁବ୍ରମଣି ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ଗଁଦିଆ, ୧୪।୯:**
ଢେଙ୍କାନାଳ ଜିଲା ଯୋରନ୍ଦା ଶିବମନ୍ଦିର ପରିସରରେ ରବିବାର ଯୋରନ୍ଦା ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ବୈଠକ ଉପସଭାପତି ପୀତବାସ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରବିନାରାୟଣ ରାଉଳ ପ୍ରାରମ୍ଭିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭ୍ୟଙ୍କ ସମସ୍ୟା, ବାର୍ଷିକ ଆୟବ୍ୟୟ, ନୂତନ ସଭ୍ୟ ଯୋଗଦାନ, ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ଆଦି ବିଷୟରେ ଆଲୋଚନା ହୋଇଥିଲା। ମଙ୍ଗୁଳି ଚରଣ ବିଶ୍ୱାଳ, ବିଚିତ୍ରାନନ୍ଦ ସାମଲ, ଅନ୍ନଦାଶଙ୍କର ପତି, ପ୍ରାଣବନ୍ଧୁ ନାୟକ, ପ୍ରେମାନନ୍ଦ ସାମଲ, ଅରୁଣ ସାହୁ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**ପରଜଙ୍ଗ, ୧୪।୯(ଡି.ଏନ୍.ଏ.):** ପରଜଙ୍ଗ ବ୍ଲକ ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ଗେଙ୍ଗୁଟିଆ ପଞ୍ଚାୟତର ବରପାଳ ଗ୍ରାମ ନିକଟରେ ସୋମବାର ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଶରୀର ବିକୃତ ହୋଇଯାଇଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ। ୧୪୯ ନମ୍ବର ଜାତୀୟ ରାଜପଥରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ସକାଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ଜିଲା ଚିକିତ୍ସାଳୟର ଶବାଗାରରେ ସଂରକ୍ଷଣ କରି ରଖିଛି।

# କିସମ ବଦଳାଇ ଜଳାଶୟ ବିକ୍ରି

**ଢେଙ୍କାନାଳ ଅଫିସ,୧୪।୯**



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଅଞ୍ଚଳବାସୀ।

- ଅଭିଯୋଗ ଆଣିଲେ ଗ୍ରାମବାସୀ
- ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ
- ନିରପେକ୍ଷ ତଦନ୍ତ ଦାବି କଲେ

ଢେଙ୍କାନାଳ ସଦର ବ୍ଲକ ସାନଷାଠିଏ ବାଟିଆ ମୌଜାର ଜମି କିସମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଏଭଳି ବେଆଇନ କାରବାର ତାଲିକା ଲମ୍ବିବାରେ ଲାଗିଛି। ଢେଙ୍କାନାଳ ପୌରାଞ୍ଚଳ ୧୫ନଂ. ୱାର୍ଡ ଅଧୀନ ମିନାବଜାର ଜଗନ୍ନାଥ ରୋଡ୍ ଅଞ୍ଚଳରେ ଥିବା ଗୋଡ଼ିପୋଖରୀ ଜଳାଶୟ କିସମକୁ ଘରବାରି କିସମରେ ବଦଳାଇ ବିକ୍ରି କରାଯାଇଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ଏଭଳି ବେଆଇନ କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ ଦାବି କରି ମହାବୀର କ୍ଲବ ଏବଂ ଅଞ୍ଚଳବାସୀ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗୋଡ଼ିପୋଖରୀ ଜଳାଶୟକୁ ଅଞ୍ଚଳବାସୀ ପୁରୁଷାନୁକ୍ରମେ ବ୍ୟବହାର କରୁଥିଲେ। ଦେବୋତ୍ତର ବିଭାଗ ମାଧ୍ୟମରେ ଜଳାଶୟକୁ ନିଲାମ ମାଧ୍ୟମରେ ବିକ୍ରି କରାଯାଇଥିଲା। ଅଞ୍ଚଳରେ ଜଣେ ବ୍ୟକ୍ତି ସର୍ବୋଚ୍ଚ ନିଲାମଧାରୀ ହୋଇଥିଲେ ମଧ୍ୟ ଚଞ୍ଚକତା କରି ଅନ୍ୟ ଲୋକଙ୍କ ନାମରେ ଦଲିଲ କରାଯାଇଛି, ଯାହା ସମ୍ପୂର୍ଣ୍ଣ ବେଆଇନ। ଏଥିରେ ଏଣ୍ଡାଓମେଣ୍ଟ କମିଶନ ନିଲାମ ପାଇଁ କରିଥିବା ଆଦେଶର ଉଲ୍ଲଂଘନ ହୋଇଛି। ତେଣୁ ଏହାର କବଲାକୁ ଖାରଜ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ସଦର ତହସିଲ କାର୍ଯ୍ୟାଳୟରେ ଚଞ୍ଚକତା କରି ଭୁଲ ଦଲିଲ କିଣିଥିବା ବ୍ୟକ୍ତିଙ୍କ ନାମରେ କରାଇ ସମ୍ପୂର୍ଣ୍ଣ ବେଆଇନ ଭାବେ ଏହାକୁ ଘରବାରି କିସମରେ ବଦଳାଯାଇଛି। ଜଳାଶୟକୁ କିଣିଥିବା ବ୍ୟକ୍ତିମାନେ ଏହାକୁ ପୋତି ପ୍ଲଟିଂ କରି ବିକ୍ରି କରିବାକୁ ମସୁଧା କରୁଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାବୀର ୟୁଥ କ୍ଲବର ସଦସ୍ୟ ଏବଂ ବହୁ ଅଞ୍ଚଳବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ପାଇନାହୁଁ। ବୁଝିବା ପରେ ଯାହା କିଛି କହିହେବ ବୋଲି ସେ କହିଛନ୍ତି।

**ପୁନରୁଦ୍ଧାର ସମୟ ଆସିଛି**

"ଦେବାଳୟ ସମ୍ପତ୍ତିବାଡ଼ି ମାର୍ଫତ୍‌ଦାର, ପୂଜକମାନେ ହସ୍ତାନ୍ତର କିମ୍ବା ବିକ୍ରି କରିପାରିବେ ନାହିଁ ବୋଲି ନିକଟରେ ସୁପ୍ରିମ୍‌କୋର୍ଟଙ୍କ ରାୟ ଆସିଛି। ଢେଙ୍କାନାଳରେ ମଠମନ୍ଦିର ଜାଗାକୁ ଚଞ୍ଚକତା କରି ବିକ୍ରି କରାଯାଇଛି। ଏବେ ଏହାର ପୁନରୁଦ୍ଧାର ସମୟ ଆସିଛି। ସରକାରୀ ଜାଗା ସମେତ ସହରରେ ଥିବା ୭ରୁ ଊର୍ଦ୍ଧ୍ୱ ଜଳାଶୟର କିସମ ବଦଳାଇ ବିକ୍ରି କରିଦିଆଯାଇଛି। ନ୍ୟାୟ ପାଇଁ ଆଇନର ଆଶ୍ରୟ ନେବା ଜରୁରୀ ହୋଇପଡ଼ିଛି।

-ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ

**ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ**

"ଦେବୋତ୍ତର ପୋଖରୀ କିପରି ପୋତା ହେଲା ଏବଂ ବିକ୍ରି ହେଲା ସେ ସମ୍ପର୍କରେ ନିରପକ୍ଷେ ତଦନ୍ତ ହେବା ଆବଶ୍ୟକ। ଆଗକୁ ବର୍ଷାଜଳ ପୋଖରୀକୁ ଗଡ଼ି ଯାଉଥିଲା। ଏବେ ପୋଖରୀ ପୋତି ଦିଆଯାଇ ପାଚେରି ଉଠାଯାଇଛି। ତେଣୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଘରେ ପଶୁଛି। ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଏହାର ସମାଧାନ କରିବା ଲାଗି ଜିଲା ପ୍ରଶାସନର ଅଧିକାରୀଙ୍କୁ ଅବଗତ କରାଯାଇଛି।

-ସାବିତ୍ରୀ ଅମାତ, ଅଞ୍ଚଳବାସୀ

# ଧୋଇଗଲା ଆପ୍ରୋଚ୍ ରୋଡ୍

**ପରଜଙ୍ଗ, ୧୪।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଲଘୁଚାପ ବର୍ଷାରେ ବ୍ୟାପକ କ୍ଷତି ହୋଇଛି। ୫୩ନଂ. ଜାତୀୟ ରାଜପଥର ସିଆରିମାଳିଆ ଛକରେ ନିର୍ମାଣ କରାଯାଇଥିବା ଆପ୍ରୋଚ୍ ରୋଡ୍ ଧୋଇଯାଇଛି। ଫଳରେ ତାଳଚେର-ଢୁବୁରୀକୁ ଯାତାୟାତ ଠପ୍ ହୋଇଯାଇଛି। ଶତାଧିକ ଭାରିଯାନ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛି। ପରଜଙ୍ଗ-ଭାଲୁମୁଣ୍ଡା-ପଣ୍ଡୁଆ ରାସ୍ତା ଦେଇ ଛୋଟ ଗାଡ଼ି ଚଳାଚଳ କରୁଛି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନଭିତ୍ତିରେ ମରାମତି କାମ ଆରମ୍ଭ ହୋଇଛି। ତେବେ ସନ୍ଧ୍ୟା ସୁଦ୍ଧା ଉକ୍ତ ରାସ୍ତାରେ ବଡ଼ ଗାଡ଼ି ଚଳାଚଳ କରିବା ସମ୍ଭବପର ହୋଇନାହିଁ। ସେହିପରି ରେଙ୍ଗାଳି ବାମ କେନାଲର ବଡ଼ଝରା-ଜଡ଼ାପାଳ ପୂର୍ତ୍ତ ବିଭାଗ ରାସ୍ତାର ଯୌତୁକପଶି ଗ୍ରାମ ନିକଟରେ ପ୍ରାୟ ୪୦ ଫୁଟର ଘାଇ ସୃଷ୍ଟି ହୋଇଛି। ରାସ୍ତା ଧୋଇଯିବାରୁ ଆଖପାଖ ଅଞ୍ଚଳର ୫ ପଞ୍ଚାୟତବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାତିରେ ଉକ୍ତ ରାସ୍ତାରେ ଏକ ଟ୍ରକ୍ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଘାଇ ମଧ୍ୟକୁ ଖସିପଡ଼ିଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି।

ବସୁଲେଇ ପଞ୍ଚାୟତ ନିମଡ଼ିହ ସାହିରେ ବର୍ଷା ତାଣ୍ଡବ ରଚିଛି। ଗ୍ରାମର ବିଧବା ଚିନି ସାହୁଙ୍କ ୩ ବଖରା ଘର ମାଟିରେ ମିଶିଯାଇଥିବାବେଳେ ଘର ରଖାଯାଇଥିବା ଖାଦ୍ୟଶସ୍ୟ ନଷ୍ଟ ହୋଇଛି। ପ୍ରଶାସନ ନିକଟରେ ଗୁହାରି କରିବା ସତ୍ତ୍ୱେ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଗଲା ନାହିଁ। ତେଣୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଚିନି କହିଛନ୍ତି। ବାସହରା ଚିନି ଖୋଲା ଆକାଶ ତଳେ ପଡ଼ି ରହିଥିବାବେଳେ ସରକାରୀ ସହାୟତା ଦେବାକୁ ଦାବି କରିଛନ୍ତି। ସେହିପରି କୁମୁସି ପଞ୍ଚାୟତ ଅଁଳାକଟା ଛକରେ ଥିବା ସରୋଜ ପଣ୍ଡାଙ୍କ ଧାନକଳରେ ବିଲ ପାଣି ପଶିଯାଇଛି। ଜଣେ ବ୍ୟକ୍ତି ନାଳ ଉପରେ ମାଟି ପକାଇ ଅବରୋଧ କରିଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ମିଲ୍ ଘରେ ପଶିଥିଲା। ମିଲିଂ ପାଇଁ ରଖାଯାଇଥିବା ଧାନ ସହ ଯନ୍ତ୍ରାଂଶ ନଷ୍ଟ ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି।



ବଡ଼ଝରା-ଜଡ଼ାପାଳ ପୂର୍ତ୍ତ ବିଭାଗ ରାସ୍ତା ଧୋଇଯାଇଥିବାବେଳେ ଏକ ଟ୍ରକ୍ ସୋମବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି।

# ଲକ୍ଷ୍ମୀପୂଜା ଆଦ୍ୟପର୍ବ ଆରମ୍ଭ

**ରାଧାଷ୍ଟମୀରେ ମାଟି ଅନୁକୂଳ**



ମିନାବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ କରାଯାଉଛି।



ଗଣେଶ ବଜାର ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ ଉପଲକ୍ଷେ ପୂଜାର୍ଚ୍ଚନା କରାଯାଉଛି।

**ଢେଙ୍କାନାଳ ଅଫିସ, ୧୪।୯**

ଆରମ୍ଭ ହୋଇଛି ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜାର ଆଦ୍ୟପର୍ବ। ପବିତ୍ର ରାଧାଷ୍ଟମୀ ତିଥିରେ ମଙ୍ଗଳବାର ମିନାବଜାର ଏବଂ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ସକାଳେ ମିନାବଜାର ପୂଜା କମିଟି କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବ୍ରାହ୍ମଣୀ ନଦୀର ଗେଙ୍ଗୁଟିଆ ଘାଟରେ ପହଞ୍ଚି ପୂଜାର୍ଚ୍ଚନା କରି ମାଟି ଅନୁକୂଳ କରିଥିଲେ। ଏହାପରେ ଶୋଭାଯାତ୍ରା ସହର ପରିକ୍ରମା କରି ମିନାବଜାରରେ ପହଞ୍ଚିଥିଲା। ସଭାପତି ରବିନାରାୟଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନିରଦ ସାହୁ, ସମ୍ପାଦକ ପୀତବାସ ସାହୁ, ଉପସଭାପତି ଉଦୟନାଥ ବେହେରା, ବୀରବର ସାହୁ, କୋଷାଧ୍ୟକ୍ଷ ଦୟାନିଧି ବେହେରା, ଲୋକନାଥ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପୂର୍ବାହ୍ନ ୧୧ଟାରେ ଗଣେଶ ବଜାର ପକ୍ଷରୁ ବ୍ରାହ୍ମଣୀ ନଦୀର କମଗରା ଘାଟରେ ମାଟି ଅନୁକୂଳ କରାଯାଇଛି। କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗଣେଶ ବଜାରରେ ପହଞ୍ଚିଥିଲେ। ସଭାପତି ବସନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ଶରତ ସାହୁ, ସମ୍ପାଦକ ବିଶ୍ୱନାଥ ବେହେରା, ଟ୍ରଷ୍ଟ ସମ୍ପାଦକ ଅତୁଲ ନାୟକ, ରଞ୍ଜନ ବେହେରା, ଶ୍ରୀକାନ୍ତ ସାହୁ, ରାଜେଶ ପଟ୍ଟନାୟକ, ଜଗନ୍ନାଥ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ସୁନିଆଁରେ ଅବଶିଷ୍ଟ ପୂଜା ପ୍ରତିଷ୍ଠାନଗୁଡ଼ିକ ମାଟି ଅନୁକୂଳ କରିବେ।

### ୧୭ରେ ହିନ୍ଦୋଳ ଏନ୍ଏସି ଅଧ୍ୟକ୍ଷାଙ୍କ ଭାଗ୍ୟ ନିର୍ଦ୍ଧାରଣ

**ହିନ୍ଦୋଳ,୧୪।୯(ଡି.ଏନ୍.ଏ.)**

ହାଇକୋର୍ଟଙ୍କ ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଉଠାଇ ନିଆଯିବା ପରେ ହିନ୍ଦୋଳ ଏନ୍ଏସି ଅଧ୍ୟକ୍ଷା ରୀନା ବେହେରାଙ୍କ ବିରୋଧରେ ଆସିଥିବା ଅନାସ୍ଥା ଫଳାଫଳ ଘୋଷଣାର ବାଟ ଖୋଲିଛି। ଚଳିତ ୧୭ ତାରିଖ ପୂର୍ବାହ୍ନ ୧୧ଟାରେ ତହସିଲ କାର୍ଯ୍ୟାଳୟରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନାସ୍ଥା ଫଳାଫଳ ଘୋଷଣା କରାଯିବ। ଜିଲା ମାଜିଷ୍ଟ୍ରେଟ୍ ପତ୍ର ନଂ. ୮୫୪୫/୨୦୨୧ରେ ମଙ୍ଗଳବାର ଏ ସମ୍ପର୍କରେ ସମସ୍ତ କାଉନ୍ସିଲରଙ୍କୁ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ଏନ୍ଏସି ଅଧ୍ୟକ୍ଷାଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ୧୧ ଦଳୀୟ କାଉନ୍ସିଲର ଏବଂ ଜଣେ ସ୍ୱାଧୀନ କାଉନ୍ସିଲର ୨୦୨୦ ନଭେମ୍ବରରେ ଅନାସ୍ଥା ଆଣିଥିଲେ। ଏହାପରେ ଅଧ୍ୟକ୍ଷା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବାବେଳେ ଉଚ୍ଚ ନ୍ୟାୟାଳୟ ଫଳଫଳ ଘୋଷଣା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ।

# ଉଚ୍ଛୁଳିଲା ବ୍ରାହ୍ମଣୀ, ରାମିଆଳ



ପାଣିଘେରରେ ରେଙ୍କୁଲା ପମ୍ପ ହାଉସ୍।

- ଶତାଧିକ ଏକର ଚାଷଜମି ଜଳମଗ୍ନ
- କାଦୁଆ, ବାଉଁଶପାଳ ପଞ୍ଚାୟତ ବିଚ୍ଛିନ୍ନ
- ଚିନ୍ତା ବଢ଼ାଇଛି ଦଣ୍ଡାଧର ଜଳଭଣ୍ଡାର

**କାମାକ୍ଷାନଗର, ୧୪।୯(ଡି.ଏନ.ଏ.)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ବର୍ଷା ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡବାସୀଙ୍କ ପାଇଁ ଦାରୁଣ ଦୁଃଖ ଆଣିଛି। ବ୍ରାହ୍ମଣୀ, ରାମିଆଳ, ଡମଶାଳ ସମେତ ଶାଖା ନଦୀ ଉଚ୍ଛୁଳି ଶତାଧିକ ଏକର ଜମି ଜଳମଗ୍ନ ହୋଇଯାଇଛି। ମୁଖ୍ୟ ରାସ୍ତାରେ ସୃଷ୍ଟି ହୋଇଥିବା ଘାଇ କାରଣରୁ ଅନେକ ପଞ୍ଚାୟତ ଏବଂ ଆଭ୍ୟନ୍ତରୀଣ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପର ଲଗାଣ ବର୍ଷାରେ ୩୦ରୁ ଊର୍ଦ୍ଧ୍ୱ ଘର ମାଟିରେ ମିଶିଯାଇଛି। ଅନ୍ୟପଟେ ମଙ୍ଗଳବାର ବର୍ଷା କମିବା ପରେ ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ଆରମ୍ଭ ହୋଇଛି।

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ରାମିଆଳ ନଦୀରେ ବଢ଼ି ଆସିଛି। ଫଳରେ କାମାକ୍ଷାନଗର ବ୍ଲକର ଆଳତୁମା, କାଦୁଆ, ବଡ଼ସୁଆଁଳ, ବାଲିଗୋରଡ଼ ଆଦି ପଞ୍ଚାୟତର ଶତାଧିକ ଏକର ଜମିରେ ପାଣି ମାଡ଼ିଯାଇଛି। ବାଉଁଶପାଳ ପଞ୍ଚାୟତ କଇଁବିଲ ରାସ୍ତାରେ ୪ ଫୁଟର ପାଣି ପ୍ରବାହିତ ହେଉଥିବାରୁ ବାହାଡ଼ା ଗ୍ରାମ ସମେତ କାଦୁଆ, ବାଉଁଶପାଳ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିଲା। ଅପରାହ୍ନ ଯାଏ ବାହାଡ଼ା ଗ୍ରାମ ରାସ୍ତାରେ ୫ ଫୁଟର ପାଣି ଚାଲୁଥିଲା। ବର୍ଷା କମିବା ପରେ ଜଳସ୍ରୋତ କମିଛି। ଗ୍ରାମର ପ୍ରମୋଦ ସାହୁ, ଦିବାକର ସାହୁ, କଇଁବିଲ ଗ୍ରାମର ଅଲେଖ ଦାସ, ଜଳଧର ଦାସ, ଦ୍ୱିଜବର ସାହୁ, ଗତିକୃଷ୍ଣ ସାହୁ, କାଦୁଆ ପଞ୍ଚାୟତର ଶବର ସାହି, ଭଗୀରଥପୁର ନିକଟ ଝରାସାହିର କେଶନ ନାୟକ, ଜଗା ନାୟକ, କୁଳମଣି ପେଣ୍ଢେଇ, ବିନୟ ପେଣ୍ଢେଇ, ଗତିକୃଷ୍ଣ ନାୟକଙ୍କ ଘରେ ପାଣି ପଶି ବ୍ୟାପକ କ୍ଷତି ହୋଇଛି। ଜଗନ୍ନାଥପୁର, କାଦୁଆ, ଆଳତୁମା, ବାଲିଗୋରଡ଼ ଅଞ୍ଚଳର ଶତାଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଜାତୀୟ ରାଜପଥ ୫୩ର ବଡ଼ସୁଆଁଳ ଏବଂ କଙ୍କଡ଼ାହାଡ଼-ମହାବିରୋଡ ରାସ୍ତାର କୀର୍ତ୍ତନପୁରଠାରେ ବର୍ଷାଜଳ ପ୍ରବାହିତ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ସେହିପରି ରାମିଆଳ ଉଚ୍ଛୁଳି ବନ୍ୟାପାଣି ମାଡ଼ିଯିବାରୁ ରେଙ୍କୁଲା ନିକଟ ଜନସ୍ୱାସ୍ଥ୍ୟ ବିଭାଗ ପମ୍ପ ହାଉସ୍ ବୁଡ଼ିଯାଇଛି। ଫଳରେ ସହରକୁ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଦଣ୍ଡାଧାର ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ପାଉଥିବାରୁ ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲାଯାଇଛି। ଫଳରେ ବୁଧବାର ରାମିଆଳ ଜଳସ୍ତର ବଢ଼ିବା ଆଶଙ୍କା ଥିବାରୁ ଏହାକୁ ନେଇ ତଳିଆ ଅଞ୍ଚଳବାସୀଙ୍କ ମନରେ ଛନକା ପଶିଛି। ବିଡିଓ ବିକାଶ ମହାନ୍ତି, ତହସିଲଦାର ସଞ୍ଜୟ ରାଉତ ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିବା ସହ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

### ଭୁବନ ବ୍ଲକ: ୮ ଗାଁ ଜଳବନ୍ଦୀ

**ଭୁବନ, ୧୪।୯(ଡି.ଏନ୍.ଏ.)**

ଲଗାଣବର୍ଷାରେ ଭୁବନ ବ୍ଲକ ଏବଂ ଏନ୍ଏସିର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି କରିଛି। ବ୍ରାହ୍ମଣୀ ନଦୀ ଏବଂ ଗୋହିରା ନାଳ ଉଚ୍ଛୁଳି ଭୂଷଳ-ଜୟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ୬ ଫୁଟ ପାଣି ପ୍ରବାହିତ ହେଉଛି। ମାର୍ଥାପୁର ପଞ୍ଚାୟତର ଓଡ଼ଣା, ଯମୁନାକୋଟ ପଞ୍ଚାୟତର ନୃସିଂହପୁର, ସୁରପ୍ରତାପପୁର ପଞ୍ଚାୟତର ପାଟପୁର, ମହୁଲପାଳ ପଞ୍ଚାୟତର ନୀଳକଣ୍ଠପୁର, ଏକତାଳି ପଞ୍ଚାୟତର ରୋଡଙ୍ଗ ଏବଂ ବାଲିବୋ ପଞ୍ଚାୟତର ଅରିଲୋ-ଦଧିସିଂହା ଗ୍ରାମବାସୀ ପାଣି ଘେରରେ ରହିଛନ୍ତି। ବ୍ରାହ୍ମଣୀ, ପାଣ୍ଡରା, ରଙ୍ଗମାଟିଆ ଏବଂ ଡମଶାଳା ସମେତ ଅନ୍ୟ ଶାଖା ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି, ଯାହା ନଦୀକୂଳିଆ ଅଞ୍ଚଳବାସୀଙ୍କୁ ଚିନ୍ତାରେ ପକାଇଛି। ଅନ୍ୟପଟେ ପ୍ରଭାବିତ ଅଞ୍ଚଳରେ ବ୍ଲକ ପ୍ରଶାସନିକ ଅଧିକାରୀମାନେ ଓଡ୍ରାଫ୍ ଟିମ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ମଙ୍ଗଳବାର ଜୟପୁର, ନୃସିଂହପୁର, ରୋଡଙ୍ଗ ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବିଡିଓ ଆଶୀର୍ବାଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିପିଇଓ ଶ୍ରୀକାନ୍ତ ବେହେରା, ଯୋଗାଣ ବିଭାଗ ଅଧିକାରୀ ବେଡା ବେସ୍ରା, କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଉଦ୍ଧାର ଏବଂ ଥଇଥାନ କାର୍ଯ୍ୟ ଚଳାଇଛନ୍ତି। ସେହିପରି ଭୁବନ ଏନ୍ଏସିର ବିଭିନ୍ନ ୱାର୍ଡରେ ନାଳ ଜାମ୍ ହୋଇଯାଇଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଘରେ ପଶିଯାଇଛି।



ଭୁବନ ବ୍ଲକ ଜୟପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାଣିରେ ବୁଡ଼ିଯାଇଛି।

### ୨ ଦିନ ହେଲା ଅପୂଜା ଦୌଡ଼େଶ୍ୱର ମହାଦେବ



**ଢେଙ୍କାନାଳ ଅଫିସ/ଗଁଦିଆ, ୧୪।୯**

ଲଗାଣବର୍ଷାରେ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କରମୂଳ, ଆମ୍ବପଡା, ଗୋରଡାପାଳ, ଅଶ୍ୱଖୋଲା, ରାଇପାଳ, ମକୁନ୍ଦପୁର, ଭାଲିଆକଣ, ହାତୀବାରି, ମଝିପାଳ, ବାଇଁଶିଆ, କଙ୍କା, ବହ୍ଲବ, ଆମ୍ବବାହାଳି, କାଠପାଳ, ଖଙ୍କର ଅଞ୍ଚଳରେ ପ୍ରାୟ ୨୦୦୦ ଏକର ଜମିରେ ଫସଲ କ୍ଷୟକ୍ଷତି ହୋଇଛି। ବ୍ରାହ୍ମଣୀ ନଦୀ କୂଳରେ ଥିବା ଦୌଡ଼େଶ୍ୱର ମହାଦେବ ମନ୍ଦିର ଅଧା ବୁଡ଼ିଯାଇଛି। ମନ୍ଦିର ନିକଟରେ ୧୦ ଫୁଟ ଉଚ୍ଚତାର ପାଣି ପ୍ରବାହିତ ହେଉଛି। ଫଳରେ ଦୁଇଦିନ ହେଲା ଠାକୁରଙ୍କ ନୀତିକାନ୍ତି ପ୍ରଭାବିତ ହୋଇଛି। ବାଇଁଶିଆ ରାଜସ୍ୱ ନିରୀକ୍ଷକ ଅନୁପମା ଦେହୁରୀ, ଗ୍ରାମ ସେବିକା ମନୋଜ ମଞ୍ଜରୀ ଶତପଥୀ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି।

